## ସଂକ୍ଷେପରେ

ଚେକ୍‌ଗେଟ୍‌କୁ ଧକ୍କାଦେଲା ପିକ୍‌ଅପ୍

### ଭଙ୍ଗା ବାଉଁଶ ବାଜି କିନ୍ନର ମୃତ

**ରାସୋଳ, ୨୫ା୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପୁରୁଣା କଟକ-ସମ୍ବଲପୁର ରାସ୍ତାର ବାହାଲୁଣ୍ଡା ଚେକ୍‌ଗେଟ୍ ନିକଟରେ ବୁଧବାର ସକାଳେ ଦୁର୍ଘଟଣା ଘଟି ଜଣେ କିନ୍ନରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଅଞ୍ଚଳର ଶିବପ୍ରସାଦ ବିଶୋଇ। ପିକ୍‌ଅପ୍‌ଟି ଦ୍ରୁତ ଗତିରେ ଆସି ପ୍ରଥମେ ଚେକ୍‌ଗେଟ୍ ବାଉଁଶକୁ ଧକ୍କା ଦେଇଥିଲା। ବାଉଁଶ ଭାଙ୍ଗିଯାଇ ଶିବପ୍ରସାଦଙ୍କ ମୁଣ୍ଡରେ ବାଜିଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ହିନ୍ଦୋଳ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପରେ ଅନୁଗୋଳ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିନ୍ଦୋଳ ପୋଲିସ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଗାଡ଼ି ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

### ବର୍ଷା ଧୋଇନେଲା ଦ୍ୱିତୀୟ କ୍ୱାର୍ଟର ଫାଇନାଲ

**ଢେଙ୍କାନାଳ ଅଫିସ, ୨୫ା୯:** ଢେଙ୍କାନାଳ କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ବୁଧବାର ହେବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚକୁ ଧୋଇନେଇଛି ଲଘୁଚାପଜନିତ ଲଗାଣ ବର୍ଷା। ଆଠମଲ୍ଲିକ ପତାକା ଏବଂ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ମ୍ୟାଚ୍ ଖେଳାଯିବାର ଥିଲା। ହେଲେ ପ୍ରବଳ ବର୍ଷା ଯୋଗୁ ମ୍ୟାଚ୍ ସମ୍ଭବପର ହୋଇପାରି ନ ଥିଲା। ଉକ୍ତ ମ୍ୟାଚ୍ ପୁନର୍ବାର ଖେଳାଯିବ। ଏ ନେଇ ତାରିଖ ନିର୍ଦ୍ଧାରଣ କରି ସୂଚନା ଦିଆଯିବ ବୋଲି ସମ୍ପାଦକ ନଳିନୀ କୁମାର ଦାସ କହିଛନ୍ତି। ଅନ୍ୟପଟେ ଭେନ୍ୟୁ ଅନୁଯାୟୀ ଗୁରୁବାର ଅପରାହ୍ନ ୩ଟାରେ ବାରିପଦା ସ୍ପୋର୍ଟସ ହଷ୍ଟେଲ ଏବଂ ଓଡ଼ିଶା ପୋଲିସ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

### ଗାଈକୁ ଧକ୍କା ଦେଇ ସ୍କୁଟି ଆରୋହୀ ଗୁରୁତର

**ପରଜଙ୍ଗ, ୨୫ା୯(ଡି.ଏନ୍.ଏ.):** ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ବାରିହାପୁର ଛକ ନିକଟରେ ବୁଧବାର ସନ୍ଧ୍ୟା ୬ଟାରେ ଦୁର୍ଘଟଣା ଘଟିଛି। ରାସ୍ତାରେ ଏକ ଗାଈକୁ ଧକ୍କା ଦେଇ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବାରିହାପୁର ଗ୍ରାମର ପ୍ରତାପ ବିଶ୍ୱାଳ। ପ୍ରତାପ ପରଜଙ୍ଗ ଆଡ଼କୁ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଜିଲାପାଳଙ୍କୁ ୯ଦଫା ଦାବିପତ୍ର ପ୍ରଦାନ

**ଢେଙ୍କାନାଳ ଅଫିସ, ୨୫ା୯:** ଭାରତୀୟ କ୍ଷେତ ମଜଦୁର ୟୁନିୟନ (ବିକେଏମ୍‌ୟୁ) ରାଜ୍ୟ କମିଟିର ନିଷ୍ପତ୍ତି ଅନୁଯାୟୀ ଢେଙ୍କାନାଳ ଜିଲା ପରିଷଦ ପକ୍ଷରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସାବକ କିସମ ଜଙ୍ଗଲ ଜମି ଉପରେ ଘରଦ୍ୱାର କରି ରହିଆସୁଥିବା ପ୍ରଜାଙ୍କୁ ଆର୍‌ଆଇଙ୍କ ଦ୍ୱାରା ଚିହ୍ନଟ କରାଇ ପଟ୍ଟା ପ୍ରଦାନ, ଟଙ୍କିକିଆ ସାନ କଏନ ଗ୍ରହଣ ନ କରାଯିବା, କ୍ଷେତ ମୂଲିଆଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ, ଆବାସ ଯୋଜନା ସହାୟତା ରାଶି ୩ ଲକ୍ଷ ଟଙ୍କାକୁ ବୃଦ୍ଧି, ବନ୍ଦୋବସ୍ତ ମୋକଦ୍ଦମାଗୁଡ଼ିକର ଫଇସଲା, ଖମାର ଗାଁ ଭିତରେ ଅଧାପନ୍ତରିଆ ଡ୍ରେନକୁ ସମ୍ପୂର୍ଣ୍ଣ କରିବା, କୃଷି ଶ୍ରମିକଙ୍କୁ ଚିହ୍ନଟ କରି ପରିଚୟ ପତ୍ର ପ୍ରଦାନ ପ୍ରମୁଖ ଦାବିପତ୍ରରେ ଦର୍ଶାଯାଇଛି। ଟାଉନ ଥାନା ପୋଲିସ ଉପସ୍ଥିତିରେ ଉକ୍ତ ଦାବିପତ୍ରକୁ ଜିଲାପାଳଙ୍କୁ ଦିଆଯାଇଥିଲା। ବିକେଏମ୍‌ୟୁର ସଭାପତି ଯଜ୍ଞେଶ୍ୱର ପୃଷ୍ଟି, ସମ୍ପାଦକ ରବି ରଥ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

■ପାଠ ପଢ଼ାଇବାକୁ ନାହାନ୍ତି ଶିକ୍ଷକ

# ଅନିଶ୍ଚିତତାରେ ବିଇଡି ଶିକ୍ଷା

**ଢେଙ୍କାନାଳ ଅଫିସ, ୨୫ା୯**




■ମାସେ ହେଲା ସରିଲାଣି ଠିକା ଶିକ୍ଷକଙ୍କ ଚୁକ୍ତି ଅବଧି

■୨ବର୍ଷ ହେଲା ସ୍ଥାୟୀ ଶିକ୍ଷକ ନିଯୁକ୍ତି ହେଉନି

■ପାଠ୍ୟକ୍ରମର ଭବିଷ୍ୟତ ନେଇ ସନ୍ଦିହାନ ଛାତ୍ରୀଛାତ୍ର

ହାଇସ୍କୁଲସ୍ତରୀୟ ଶିକ୍ଷା ପାଇଁ ଖୋଜାପଡ଼ନ୍ତି ଅନୁଭୂତିସମ୍ପନ୍ନ ଶିକ୍ଷକ। ଶିକ୍ଷକ ଅଭାବ ପୂରଣ କରିବା ଏବଂ ଏଥିଲାଗି ମାନସିକସ୍ତରରେ ପ୍ରସ୍ତୁତ ହେଉଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେବା ଲାଗି ସରକାରୀସ୍ତରରେ ଆରମ୍ଭ ହୋଇଛି ବିଇଡି ପାଠ୍ୟକ୍ରମ। ହେଲେ ପ୍ରଶିକ୍ଷଣ କେନ୍ଦ୍ରରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦେବାକୁ ସତେ ଯେମିତି ଭୁଲିଯାଇଛନ୍ତି ସରକାର। ଫଳରେ ବିଭିନ୍ନ ସ୍ଥାନରେ ବିଇଡି ପାଠ୍ୟକ୍ରମର ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଏହାର ସଦ୍ୟତମ ଉଦାହରଣ ହେଲା ଢେଙ୍କାନାଳ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ।

୨୦୧୬-୧୭ ଶିକ୍ଷାବର୍ଷରେ ଢେଙ୍କାନାଳ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆରମ୍ଭ ହୋଇଥିଲା ବିଇଡି ଶିକ୍ଷା ପାଠ୍ୟକ୍ରମ। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଏହି ପାଠ୍ୟକ୍ରମ ଖୋଲାଯାଇଛି। ଏଠାରେ ୫୭ଜଣ ଛାତ୍ରୀଛାତ୍ର ପାଠ ପଢ଼ିବା ସୁବିଧା ରହିଛି। ଇତି ମଧ୍ୟରେ ଦୁଇବର୍ଷ ବିତିଯାଇଥିବାବେଳେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏଠାରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ର ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ବିଇଡି ପାଠ୍ୟକ୍ରମ ଖୋଲିବା ପୂର୍ବର ପ୍ରତିଷ୍ଠାନର ଭିତ୍ତିଭୂମି ସୁଦୃଢ଼ କରାଯାଇଥିଲା। ଏହାର ପରିସରକୁ ଉନ୍ନତିକରଣ କରିବା ପରେ ଆରମ୍ଭ ହୋଇଥିଲା ଦୁଇବର୍ଷିଆ ବିଇଡି ଶିକ୍ଷା ପାଠ୍ୟକ୍ରମ। ପ୍ରାରମ୍ଭରେ ୭ଜଣ ଠିକା ଶିକ୍ଷକଙ୍କୁ ଶିକ୍ଷାଦାନ ଲାଗି ନିଯୁକ୍ତି ଦିଆଯାଇଥିଲା। ହେଲେ ୨ଜଣ ନ ଆସିବାରୁ ୫ଜଣରେ ଆରମ୍ଭ ହୋଇଥିଲା ପାଠପଢ଼ା। ୨୦୧୯ ଅଗଷ୍ଟ ୩୧ରେ ସମ୍ପୃକ୍ତ ଶିକ୍ଷକଙ୍କ ଚୁକ୍ତି ଅବଧି ପୂରଣ ହୋଇଛି। ଫଳରେ ପାଠ ପଢ଼ାଇବା ଲାଗି ଶିକ୍ଷକ ଅଭାବ ଦେଖାଦେଇଛି। ଏପରି ସ୍ଥିତିରେ ଡିପ୍ଲୋମ ଇନ୍ ଏଲିମେଣ୍ଟାରି ଏଜୁକେଶନ ପାଠ୍ୟକ୍ରମର ଅଧ୍ୟକ୍ଷଙ୍କ ସମେତ କେତେଜଣ ବରିଷ୍ଠ ଶିକ୍ଷକ କାମଚଳା ଭାବେ ନବାଗତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ସମସ୍ୟାକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ସରକାରଙ୍କ ନୀରବତା ପାଠ୍ୟକ୍ରମର ଭବିଷ୍ୟତକୁ ସନ୍ଦିହାନ କରିଦେଇଛି। ପାଠ୍ୟକ୍ରମ ଖୋଲିବାର ୨ବର୍ଷ ଭିତରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ଯେ କୌଣସି ସମୟରେ ଏହାକୁ ଉଠାଇ ନିଆଯାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହେଲାଣି।

ଏ ନେଇ ପ୍ରତିଷ୍ଠାନର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର କୁହନ୍ତି, ସ୍ଥାୟୀ ଶିକ୍ଷକ ନିଯୁକ୍ତି ହୋଇ ନ ଥିବା ସତ୍ତ୍ୱେ ଠିକା ଶିକ୍ଷକଙ୍କ ଦ୍ୱାରା ଭଲରେ ପାଠପଢ଼ା ଚାଲିଥିଲା। ହେଲେ ପାଖାପାଖି ମାସେ ହେଲା ସେମାନଙ୍କ ଚୁକ୍ତି ଅବଧି ପୂରଣ ହୋଇସାରିଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଠିକା ଶିକ୍ଷକଙ୍କ ଚୁକ୍ତି ନବୀକରଣ ହେବା ସମ୍ଭାବନା ରହିଛି। ଏହା ହେଲେ ପୁଣି ଥରେ ପାଠପଢ଼ା ସ୍ୱାଭାବିକ ହେବ ।

■ମୋବାଇଲ କିଣିବାକୁ ଆସି ଫେରିଲେନି

# ବାଇକ୍ ଧକ୍କାରେ ଯୁବକ ମୃତ


ଦୁର୍ଘଟଣାସ୍ଥଳରେ ଗହଳି।

**ପରଜଙ୍ଗ, ୨୫ା୯(ଡି.ଏନ.ଏ.)**

ମୋବାଇଲ କିଣିବାକୁ ଆସିଥିଲେ ସାଙ୍ଗଙ୍କ ସହ। ହେଲେ ଅଧାରାସ୍ତାରେ ଟାଣି ନେଇଗଲା ମୃତ୍ୟୁ। ମଙ୍ଗଳବାର ରାତି ପ୍ରାୟ ୮ଟାବେଳେ ଏଭଳି ଏକ ଦୁଃଖଦ ଦୁର୍ଘଟଣା ଘଟିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ମହାବିରୋଡ଼-ତେଲେକୋଇ ରାସ୍ତାର ଗଡ଼ପଳାଶୁଣୀ ବଡ଼ସାହି ନିକଟରେ। ମୃତକ ହେଲେ ତେଲକୋଇ ଥାନା କୁଲଙ୍ଗ ଗ୍ରାମର ଗଣେଶ୍ୱର ଖଣ୍ଡା (୩୩)। ଗାଡ଼ି ପଛରେ ବସିଥିବା ନିବାରଣ ନାୟକ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଫେରାର ଅଛନ୍ତି।

ଉଭୟେ ବାଇକ୍ (ନଂ. ଓଡ଼ି ୧୯ ଜେ ୫୮୧୩)ରେ ମୋବାଇଲ କିଣିବାକୁ ଗଣପଳାଶୁଣୀ ଆସି ଘରକୁ ଫେରୁଥିଲେ। ବଡ଼ସାହି ନିକଟ ରାସ୍ତା ପାର୍ଶ୍ୱରେ ବାଇକ୍ ପାର୍କିଂ କରି ପରିସ୍ରା କରୁଥିବାବେଳେ ସମ୍ମୁଖରୁ ଏକ ବାଇକ୍ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଫଳରେ ଗଣେଶ୍ୱର ଏବଂ ନିବାରଣ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଆଭ୍ୟନ୍ତରୀଣ ଅଙ୍ଗରେ ଗୁରୁତର କ୍ଷତ ହୋଇଥିବାରୁ ସେମାନେ ଉପରକୁ ଉଠି ନ ପାରି ରାତିସାରା ଅଚେତ ହୋଇ ପଡ଼ିରହିଥିଲେ। ବୁଧବାର ସକାଳେ ସ୍ଥାନୀୟ ଅଞ୍ଚଳବାସୀ ଦୁର୍ଘଟଣା ଘଟିଥିବା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚିବା ବେଳକୁ ଅତ୍ୟଧିକ ରକ୍ତସ୍ରାବ କାରଣରୁ ଗଣେଶ୍ୱରଙ୍କ ମୃତ୍ୟୁ ହୋଇସାରିଥିଲା। ନିବାରଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମହାବିରୋଡ଼ ଫାଣ୍ଡି ଅଧିକାରୀ ବିନୟ ସାହୁ ପହଞ୍ଚି ବାଇକ୍ ଜବତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୨୫୬/୧୯ରେ ଏକ ମାମଲା ରୁଜୁ ହୋଇଛି।

■ସରିଲା 'ଫଟୋଗ୍ରାଫିଆ-୩'

# ଫଟୋଗ୍ରାଫିରେ ସାଉଁଟିଲେ ଜୀବନଚିତ୍ର


ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ, ଅଧ୍ୟାପିକାଅଧ୍ୟାପକଙ୍କ ଗହଣରେ କର୍ମଶାଳାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୨୫ା୯**

ଫଟୋରେ ଜୀବନ। ଫଟୋରେ ଜୀବିକା। କେଉଁଠି ମଣିଷର ସଂଘର୍ଷ ତ, ଆଉ କେଉଁଠି ପ୍ରତିଫଳିତ ହୋଇଛି ଜୀବନଶୈଳୀ। ଆଉ କେଉଁଥିରେ ପରିବେଶ ପ୍ରସଙ୍ଗକୁ କଏଦ କରିଛନ୍ତି ଫଟୋଗ୍ରାଫର। କ୍ୟାମେରା ଲେନ୍‌ସରେ ତୋଳାଯାଇଥିବା ପ୍ରତିଟି ଫଟୋରେ ଗୁନ୍ଥି ହୋଇ ରହିଛି ଭାବନା। ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ୪ ଦିନ ଧରି ଚାଲିଥିବା ଫଟୋଗ୍ରାଫି କର୍ମଶାଳା 'ଫଟୋଗ୍ରାଫିଆ-୩' ଉଦ୍‌ଯାପନୀ ସମାରୋହରେ ଦେଖିବାକୁ ମିଳିଥିଲା କ୍ୟାମେରା ଆଉ ଫଟୋଗ୍ରାଫରଙ୍କ ହାତର ଏପରି କିଛି ଚମକ, ଯାହା ଫଟୋଗ୍ରାଫିକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ନିଆରା ଝୁଙ୍କକୁ ବଖାଣୁଥିଲା।

କର୍ମଶାଳାରେ ସଂସ୍ଥାନର ୫୦ଜଣ ଛାତ୍ରୀଛାତ୍ରଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଶିକ୍ଷାନୁଷ୍ଠାନର ୧୪ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସୋନାଲି ଖଟ୍ଟା, ପ୍ରୀତିକା ପାଇକ, ଅମିତ ଚାଟାର୍ଜୀ, ଧର୍ମସଂଗ୍ରାମ ଅମାନ୍ତଙ୍କ ଦ୍ୱାରା ଉଠାଯାଇଥିବା ଫଟୋ ବେଶ୍ ପ୍ରଶଂସିତ ହୋଇଥିଲା। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ମୃଣାଳ ଚାଟାର୍ଜୀ କହିଲେ, ଫଟୋଗୁଡ଼ିକ ଜୀବନ୍ତ ଅନୁଭବ ଆଣିଦେଇଛି। ଫଟୋ ଏବଂ ଫଟୋଗ୍ରାଫିଆର ବିଶେଷ ମୁହୂର୍ତ୍ତକୁ ନେଇ ଏକ ବହି ପ୍ରକାଶ କରାଯିବ। ଜାତୀୟ ପୁରସ୍କାରପ୍ରାପ୍ତ ଫଟୋ ସାମ୍ବାଦିକ ହିମାଂଶୁ ବ୍ୟାସ, ବିଶେଷଜ୍ଞ ତବିନା ଅଞ୍ଜୁମ କୁରେଶୀ କହିଲେ, କର୍ମଶାଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳା ଭରିରହିଛି। ଫଟୋ ସାମ୍ବାଦିକତାରେ କ୍ୟାରିୟର ଗଢ଼ିବା ଦିଗରେ ଏପରି କର୍ମଶାଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଡ. ମୃଣାଳ ଚାଟାର୍ଜୀ ଏବଂ ସ୍ନେହାଶିଷ କରଙ୍କ ସମ୍ପାଦନାରେ ପୁସ୍ତିକା 'ସାମ୍ବାଦିକ ଓ ସମ୍ପାଦକ ଗାନ୍ଧୀ' ଉନ୍ମୋଚିତ ହୋଇଥିଲା।

### ବୋଲେରୋ ମାଡ଼ିଯାଇ ଯନ୍ତ୍ରୀ ମୃତ

**ଭୁବନ, ୨୫ା୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର କଲଣ ଛକ ନିକଟରେ ବୁଧବାର ରାତି ପ୍ରାୟ ୮ଟା ବେଳେ ଲୋମଟାଙ୍କୁରା ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଥିବା ଏକ କ୍ୟାବିନ ନିକଟରେ ବସିଥିବାବେଳେ ବୋଲେରୋ ଚଢ଼ିଯାଇ ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜାତୀୟ ରାଜପଥ ସମ୍ପ୍ରସାରଣ ଦାୟିତ୍ୱରେ ଥିବା ବାଲାଜୀ କନ୍‌ଷ୍ଟ୍ରକ୍ସନର ଇଞ୍ଜିନିୟର ସରୋଜ ରାଉତ (୩୫)। ଏଥିରେ କର୍ମଚାରୀ ରାହାସ ସାହୁ (୪୦) ଗୁରୁତର ହୋଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାତିରେ ଉଭୟେ ଉକ୍ତ କ୍ୟାବିନ ପାଖରେ ବସିଥିଲେ। ଏହି ସମୟରେ ହଠାତ୍ ଦ୍ରୁତଗତିରେ ଏକ ନୂଆ ବୋଲେରୋ ଆସି ଉଭୟଙ୍କ ଉପରେ ମାଡ଼ିଯାଇଥିଲା। ସେମାନଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସରୋଜଙ୍କ ମୃତ୍ୟୁ ଘଟିଛି। ରାହାସଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ବୋଲେରୋ ଜବତ କରି ତଦନ୍ତ ଜାରି ରଖିଛି।

■ସେବା ବଦଳରେ ଦୁର୍ବ୍ୟବହାର ଅଭିଯୋଗ

# ଆର୍‌ଟିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା


ଧାରଣାରତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୫ା୯**

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ନିୟମର ଉଲ୍ଲଂଘନ ଏବଂ ସେବା ପରିବର୍ତ୍ତେ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଧାରଣା ଦିଆଯାଇଛି। ସଙ୍ଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି ଯେ, କାର୍ଯ୍ୟାଳୟରେ ଫିଟନେସ୍ ସାର୍ଟିଫିକେଟ ପ୍ରଦାନରେ ଅହେତୁକ ବିଳମ୍ବ କରାଯାଉଛି। ଡ୍ରାଇଭିଂ ପରୀକ୍ଷାରେ ପାସ୍ ହେବା ସତ୍ତ୍ୱେ ଡାକଦ୍ୱାରା ଲାଇସେନ୍ସ ସାର୍ଟିଫିକେଟ ପହଞ୍ଚିବାରେ ଡେରି ହେଉଛି। ଯାଞ୍ଚ କରିବା ଲାଗି ନିୟୋଜିତ ଗାଡ଼ିକୁ ବ୍ୟକ୍ତିଗତ କାର୍ଯ୍ୟର ଲଗାଯାଉଛି। ଇଣ୍ଟରସେପ୍ଟର ଗାଡ଼ି ଚାଳକଙ୍କୁ ବାଦ୍‌ଦେଇ ଅନ୍ୟ ଜଣଙ୍କୁ ଗାଡ଼ି ଚଳାଇବା କାର୍ଯ୍ୟରେ ନିୟୋଜିତ କରାଯାଇଛି। ବିଭାଗୀୟ ଅଧିକାରୀ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଏ ନେଇ ପଚାରିଲେ ଅଧିକାରୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହାର ନିରପେକ୍ଷ ତଦନ୍ତ କରିବାକୁ ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଅଭିଯାନର ଆବାହକ ପ୍ରିୟବ୍ରତ ଗଡ଼ନାୟକଙ୍କ ନେତୃତ୍ୱରେ ବିକାଶ ନାୟକ, ରାମଚନ୍ଦ୍ର ଦେବତା, ରାଜୀବ କର, କମଳ ମିଶ୍ର, ପଙ୍କଜ ନାୟକ, ରଣଜିତ୍ ବିଶ୍ୱାଳ, ଚକ୍ରଧର ତରାଇ, କାମାକ୍ଷା ବେହେରା, ପ୍ରଦ୍ୟୁମ୍ନ ନାୟକ, ଦୁଷ୍ମନ୍ତ ମହାନ୍ତି, ବିକାଶ ପ୍ରଧାନ, ଗୋପୀନାଥ ଦାସ, ଉମେଶ ଚନ୍ଦ୍ର ରାଉତ, ସନ୍ତୋଷ ମହାନ୍ତି ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ଶୃଙ୍ଖଳା, ପରିଶ୍ରମ ସଫଳତା ଆଣିଦିଏ


କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୫ା୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ବିଭାଗ ଅଧ୍ୟାପକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଳିକ ଯୋଗଦେଇ କହିଲେ, ଶୃଙ୍ଖଳା ଏବଂ କଠୋର ପରିଶ୍ରମ ଜୀବନରେ ସଫଳତା ଆଣିଦିଏ । ଅର୍ଥନୀତି ବିଭାଗ ଅଧ୍ୟାପକ ପଙ୍କଜ କୁମାର ସାହୁ କାହାଣୀ ମାଧ୍ୟମରେ ଚରିତ୍ର ଗଠନ ଶିକ୍ଷା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁଦିତା ବିଶ୍ୱାଳ, କୁମୁଦିନୀ ବେହେରା, ଅଧ୍ୟାପକ ବୈକୁଣ୍ଠନାଥ ମିଶ୍ର, ବାବୁଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ବର୍ଷ ଛାତ୍ରୀ ମୋନାଲିସା ପଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀ ପ୍ରଜ୍ଞାପ୍ରିୟା ନାୟକ ଏବଂ ସୌଦାମିନୀ ପ୍ରଧାନ ଏହାକୁ ସଂଯୋଜନା କରିଥିଲେ।

■ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୫ା୯**



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■ନିଶାଖୋର ଡ୍ରାଇଭରଙ୍କୁ କ୍ଷମାନାହିଁ

■ଶିକ୍ଷାନୁଷ୍ଠାନରେ ନିୟୋଜିତ ଗାଡ଼ି ଉପରେ ରହିବ କଡ଼ା ନଜର

■ବ୍ୟସ୍ତବହୁଳ ରାସ୍ତାରେ ଲାଗିବ ରେଡିୟମ୍ ଷ୍ଟିକର, ନିର୍ମାଣ ହେବ ହମ୍ପସ୍

ଢେଙ୍କାନାଳ ଜିଲା ସଦ୍‌ଭାବନା ଗୃହରେ ବୁଧବାର ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ସଂଶୋଧିତ ମୋଟରଯାନ ଆଇନର କାର୍ଯ୍ୟକାରିତା ନେଇ ଜନସଚେତନତା ସୃଷ୍ଟି ଏବଂ ଦୁର୍ଘଟଣା ହ୍ରାସ କରିବା ଦିଗରେ ଯତ୍ନବାନ ହେବାକୁ ଗୁରୁତ୍ୱାରୋପ କରିଥିଲେ।

ନୂତନ ମୋଟରଯାନ ଆଇନ ଅନୁଯାୟୀ ଗାଡ଼ି ଚାଳକଙ୍କୁ ହେଲମେଟ୍ ଏବଂ ସିଟବେଲ୍ଟ ବ୍ୟବହାର ସହିତ ଆବଶ୍ୟକ କାଗଜପତ୍ର ପାଖରେ ରଖିବା ଅନିବାର୍ଯ୍ୟ। ନିଶା ସେବନକାରୀ ଡ୍ରାଇଭରଙ୍କୁ କୌଣସି ପରିସ୍ଥିତିରେ କ୍ଷମା ଦିଆଯିବନାହିଁ ବୋଲି ଜିଲାପାଳ କହିଛନ୍ତି। ବେପରୁଆ ଗାଡ଼ିଚାଳନା, ଡ୍ରାଇଭିଂ ବେଳେ ମୋବାଇଲ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚଳାଇବା, ବିନା ସୁରକ୍ଷା ଉପକରଣରେ ଯାନବାହନ ଚଳାଚଳ ଦୁର୍ଘଟଣାର ପ୍ରମୁଖ କାରଣ। ଏଥିପ୍ରତି ପରିବହନ ବିଭାଗ ଏବଂ ପୋଲିସ ପକ୍ଷରୁ ପ୍ରଥମେ ସଚେତନ ସୃଷ୍ଟି କରାଯିବ। ଏହାପରେ ଯାଞ୍ଚ କଡ଼ାକଡ଼ି କରିବାକୁ ମତପ୍ରକାଶ ପାଇଥିଲା।

ଦୁର୍ଘଟଣା ରୋକିବାକୁ ପୂର୍ତ୍ତ ବିଭାଗ ରାସ୍ତା, ୫୫ ଓ ୨୦୦ ନମ୍ବର ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ରେଡିୟମ ଷ୍ଟିକର ଲଗାଯିବ। ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରି ହମ୍ପସ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଲାଇସେନ୍ସ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ନାବାଳକଙ୍କ ଗାଡ଼ିଚାଳନା ଉପରେ ସତର୍କ ଦୃଷ୍ଟି ରଖାଯିବ। ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ। ଆବଶ୍ୟକସ୍ଥଳେ ସେମାନଙ୍କ ଲାଇସେନ୍ସ ରଦ୍ଦ ହେବ। ଶିକ୍ଷାନୁଷ୍ଠାନରେ ନିୟୋଜିତ ବସ୍‌ଗୁଡ଼ିକ ସିଟ୍ ଅନୁଯାୟୀ ପିଲା ପରିବହନ କରିବେ। କ୍ଷମତାଠାରୁ ଅଧିକ ପରିବହନ କରିବା ଦଣ୍ଡନୀୟ ଅପରାଧ। ଏହାର ଯାଞ୍ଚ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀବତ୍ସ ଦଳେଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଅତିରିକ୍ତ ଏସ୍‌ପି ବିନୟ କାମିଲା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଜିଲା ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ, ଏନ୍‌ଏଚ୍‌ଏଆଇ ଅଧିକାରୀ, ଟ୍ରକ୍ ଓନର୍ସ ଆସୋସିଏଶନ୍, ମୋଟର ତାଲିମ କେନ୍ଦ୍ର କର୍ମକର୍ତ୍ତାଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସମାଜର ସମସ୍ୟା ସମ୍ପର୍କରେ ଆଲୋଚନା

ତାଳଚେର,୨୫।୯(ନି.ପ୍ର.)- ତାଳଚେର ବ୍ଲକ ଗୋଡିବନ୍ଧ ବଙ୍ଗାଳି ତଇଳାଠାରେ ଅନୁଗୋଳ ଜିଲା ହାଡି ମହାସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡସିଙ୍ଗା, ରୁଟୁଭୂଇଁ, ଭୁଣ୍ଡୁରୁନାଳୀ, ଶିପୁର, ବିଲିଣ୍ଡା, କୁଲେଇ, ସମଲ, ଝୁଲା ଖୁଣ୍ଟିଆ ସମେତ ୪୨ଟି ଗ୍ରାମର ହାଡି ସମାଜ ମୁଖିଆମାନେ ଏଥିରେ ଯୋଗ ଦେଇଥିଲେ। ମହାସଂଘ ସଭାପତି ଉଚ୍ଛନ ବେହେରା ଅଧିବେଶନରେ ଅଧ୍ୟକ୍ଷତା କରି ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହାସଂଘ ସମ୍ପାଦକ ରାମଚନ୍ଦ୍ର ଗୋଛାୟତ, ପ୍ରକାଶ ଗୋଛାୟତ, ସୁରେଶ ବେହେରା, ଦୁର୍ଯ୍ୟୋଧନ ମୁଖୀ, ଲକ୍ଷ୍ମଣ ଗୋଛାୟତ, ସୁବାସ ଗୋଛାୟତ ପ୍ରମୁଖ ସରକାର ହାଡି ସମାଜକୁ ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଆଗାମୀ ଦିନରେ ନିଜର ହକ୍ ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ବକ୍ତାମାନେ ମତପ୍ରକାଶ କରିଥିଲେ। ମହାସଂଘ କୋଷାଧ୍ୟକ୍ଷ ଟିକାଲୁ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

### ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ




ବଇଣ୍ଡା, ୨୫।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବୈଷ୍ଣବ ସାହିଠାରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ନିକଟସ୍ଥ ଖୋଲା ପଡିଆରୁ ମାଟି ଅନୁକୂଳ କରାଯାଇଥିଲା। ପୂଜକ ଉପେନ୍ଦ୍ର ମହାପାତ୍ର ଯଥାରୀତି ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ମୂର୍ତ୍ତି ପାଇଁ ମାଟି ଅନୁକୂଳ କରାଯାଇଥିଲା। ଏଥିରେ ସୁରେଶ ନାୟକ, ବନ୍ଧୁଆ ବେହେରା, ଜିତେନ୍ଦ୍ର ମୁଖି, ବିଜୁ ଦେହୁରୀ, ନିରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

■କୁଶକିଳା ଡବଲ ମର୍ଡର ମାମଲା

# ଅଭିଯୁକ୍ତ ଝସକେତନ ଦୋଷୀ ସାବ୍ୟସ୍ତ

ଅନୁଗୋଳ ଅଫିସ,୨୫।୯

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୁଶକିଳା ଗ୍ରାମରେ ୨୦୧୬ରେ ଘଟିଥିବା ରାଜ କିଶୋର ସାହୁଙ୍କ ପୁଅ ଯୋଗେଶ୍ୱର ସାହୁ(୩୬) ଏବଂ ପୁତୁରା ହିରଣାକ୍ଷ ସାହୁ(୩୨)ଙ୍କ ହତ୍ୟା ମାମଲାର ଶୁଣାଣି ଶେଷ ହୋଇଛି। ଅନୁଗୋଳ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ଏହି ମାମଲାର ଶୁଣାଣି କରି ବୁଧବାର ଏକମାତ୍ର ଅଭିଯୁକ୍ତ ଝସକେତନ ରାଉତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ରାୟକୁ ଅଦାଲତ ସଂରକ୍ଷିତ ରଖିଥିବା ବେଳେ ଅଭିଯୁକ୍ତ ଝସକେତନଙ୍କ ବିରୋଧରେ ଆହୁରି ୨ଟି ହତ୍ୟା ମାମଲା ଏହି କୋର୍ଟରେ ବିଚାରାଧୀନ ରହିଛି।

■ରାୟ ସଂରକ୍ଷିତ ରଖିଛନ୍ତି କୋର୍ଟ

■ଆଉ ୨ ହତ୍ୟା ମାମଲା ବିଚାରାଧୀନ




ଝସକେତନଙ୍କ ଦ୍ୱାରା ପ୍ରତିଷ୍ଠିତ ଶିଶୁମନ୍ଦିର।

କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଝସକେତନଙ୍କ ବିରୋଧରେ ମୋଟ୍ ୪ଟି ହତ୍ୟା ମାମଲା ରହିଛି। ସେଥିରୁ କୁଶକିଳାର ଦୁଇ ଭାଇ ଯୋଗେଶ୍ୱର ଏବଂ ହିରଣାକ୍ଷ ସାହୁଙ୍କୁ ହତ୍ୟା କରିବା ଓ ପ୍ରମାଣନଷ୍ଟ କରିବାକୁ ଉଦ୍ୟମ କରିବା ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତେବେ ପୋଲିସ ଲଗାଇଥିବା ଅପହରଣ ମାମଲାକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ୨୦୧୫ ମେ ୨୨ରେ ଛେଣ୍ଡିପଦା ଥାନା କୁକୁରପେଟା ନୂଆମୌଜାର ମାଉସୀ ଅବଳା ଗଡ଼ନାୟକ(୬୪) ଏବଂ ପୁତୁରା କୁମୁଦ ଚନ୍ଦ୍ର ସାହୁ(୨୮)ଙ୍କ ହତ୍ୟା ମାମଲର ବିଚାର ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ଉକ୍ତ ମାମଲାରେ ତଦନ୍ତକାରୀ ଅଧିକାରୀଙ୍କ ପ୍ରମାଣ ଉପସ୍ଥାପନ ବାକି ରହିଛି। ସେହିପରି ଜେଲ ହାଜତରେ ଥାଇ ୨୦୧୬ ଡିସେମ୍ବର ୨୩ରେ ରାଜକିଶୋର ସାହୁଙ୍କ ପରିବାର ଲୋକଙ୍କୁ ହତ୍ୟା ପାଇଁ ଷଡଯନ୍ତ୍ର ଓ କୋର୍ଟ ହାଜତରୁ ଫେରାର ହେବ। ମାମଲାର ବିଚାର ପ୍ରକ୍ରିୟା ଭିଡିଓ କନଫରେନ୍ସ ଜରିଆରେ କରାଯାଉଛି। ପ୍ରଥମେ ପିପି ମହେନ୍ଦ୍ର ବସ୍ତିଆ ମାମଲା ପରିଚାଳନା କରୁଥିବାବେଳେ ବର୍ତ୍ତମାନ କ୍ୟାଡର ପିପି ପ୍ରଦୀପ ଦାସ ପରିଚାଳନା କରୁଛନ୍ତି।

### କାହିଁକି ମାରିଥିଲେ ଦୁଇ ଭାଇଙ୍କୁ

**ଅନୁଗୋଳ ଅଫିସ,୨୫।୯:** ଅଭିଯୁକ୍ତ ଝସକେତନ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଖୁବ୍ ଜଣାଶୁଣା ବ୍ୟକ୍ତି ଥିଲେ। ସେ ବିଭିନ୍ନ ବ୍ୟବସାୟରେ ସମ୍ପୃକ୍ତ ରହିବା ସହ ଜମି କିଣାବିକା, ସୁଧ କାରବାର ମଧ କରୁଥିଲେ। ୨୦୧୩ରେ ସେ ଏକ ଶିଶୁମନ୍ଦିର ପ୍ରତିଷ୍ଠା କରିଥିଲେ। ବ୍ୟବସାୟୀ ହୋଇଥିବାରୁ ବହୁ ଲୋକଙ୍କ ସହ ତାଙ୍କର ଆର୍ଥିକ ନେଣଦେଣ ବିବାଦ ଥିଲା। କୁଶକିଳାର ପୂର୍ବତନ ସରପଞ୍ଚ ରାଜ କିଶୋର ସାହୁଙ୍କ ସହ ତାଙ୍କର ଆର୍ଥିକ ଓ ଜମିଜମା ବିବାଦ ରହିଥିଲା। ଏହି କାରଣରୁ ସେ ପ୍ରଥମେ ରାଜକିଶୋରଙ୍କ ପୁତୁରା ହିରଣାକ୍ଷ ସାହୁଙ୍କୁ ଶିଶୁମନ୍ଦିର ପରିସରକୁ ଡାକି ସେଠାରେ ହତ୍ୟା କରି କୂଅରେ ପକାଇ ଦେଇଥିଲେ। ପରେ ରାଜକିଶୋରଙ୍କ ପୁଅ ଯୋଗଶ୍ୱେର ସାହୁଙ୍କୁ କୌଶଳକ୍ରମେ ସେଠାକୁ ଡାକିଆଣି ହତ୍ୟା କରିଥିଲେ। ସିମେଣ୍ଟ ଖୁଣ୍ଟ ଓ ପଥର ପକାଇ ଦୁଇ ଭାଇଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ଉକ୍ତ କୂଅରେ ଲୁଣ, ପାଳ, ଖତ ଓ ବାଲି ଦେଇ ପୋତି ଦେଇଥିଲେ।

### ବିଚାରାଧୀନ ଥିବା ୨ ହତ୍ୟା ମାମଲା

**ଅନୁଗୋଳ ଅଫିସ,୨୫।୯:** ଅଭିଯୁକ୍ତ ଝସକେତନ ରାଉତଙ୍କ ବିରୋଧରେ ଆହୁରି ୨ଟି ହତ୍ୟା ମାମଲା ଅନୁଗୋଳ କୋର୍ଟରେ ବିଚାରାଧୀନ ରହିଛି। ୨୦୧୫ ମେ ୨୨ରୁ ନିଖୋଜ ଥିବା ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ ନୂଆମୌଜା ଗ୍ରାମର ଅବଳା ଗଡ଼ନାୟକ ଓ ତାଙ୍କ ପୁତୁରା କୁମୁଦ ଚନ୍ଦ୍ର ସାହୁଙ୍କୁ ଝସକେତନ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପ୍ରଥମେ ଉଭୟ ନିଖୋଜ ଥିବା ନେଇ ଅଭିଯୋଗ ହୋଇଥିଲା। ହେଲେ କୁଶକିଳା ଡବଲ ମର୍ଡର ଘଟଣା ପଦାକୁ ଆସିବା ପରେ ସମ୍ପୃକ୍ତ ମାଉସୀ ପୁତୁରାଙ୍କୁ ଝସକେତନ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ୨୦୧୬ ଫେବୃୟାରୀ ୧୫ରେ ଝସକେତନଙ୍କ ଦ୍ୱାରା ପ୍ରତିଷ୍ଠିତ ଶିଶୁମନ୍ଦିର ପରିସରରୁ ପୋଲିସ ମାଉସୀ ପୁତୁରାଙ୍କ ମୃତଦେହ ଉଦ୍ଧାର ପରେ ଅନୁଗୋଳ କୋର୍ଟରେ ଏହି ମାମଲା ବଚାରାଧୀନ ରହିଛି।

■ନାଲ୍‌କୋରେ କୋଇଲା ସଙ୍କଟ

# ସ୍ମେଲଟରରେ ବନ୍ଦ ହେଲା ୨୦ ପଟ୍

ବଁଅରପାଳ, ୨୫।୯(ଡି.ଏନ.ଏ.)

ନାଲ୍‌କୋ ବିଦ୍ୟୁତ ପ୍ରକଳ୍ପରେ ଏବେ କୋଇଲା ସଙ୍କଟ ଯୋଗୁ ୧୦ରୁ ୫ଟି ୟୁନିଟ ବନ୍ଦ ରହିଛି। ଫଳରେ ସିପିପି ପ୍ଲାଣ୍ଟରୁ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇଛି। ଏହାର କୁପ୍ରଭାବ ସ୍ମେଲଟର ପ୍ଲାଣ୍ଟ ଉପରେ ପଡିଛି। ସ୍ମେଲଟରରେ ୯୬୦ ଟି ପଟ୍ ଥିବାବେଳେ ବୁଧବାର ସୁଦ୍ଧା ୨୦ଟି ପଟ୍ ବନ୍ଦ ରହିଛି। ସିପିପିରେ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇବା ଯୋଗୁ ପଟଗୁଡିକ ଲୋ କିଲୋ ଆମ୍ପିୟରରେ ଚାଲିଛି। ବୁଧବାର ପଟଲାଇନ-୧ ୧୬୭ କିଲୋ ଆମ୍ପିୟରରେ ଚାଲିଛି। ସେହିପରି ପଟଲାଇନ-୨ ୧୬୭ ଆମ୍ପିୟର, ପଟଲାଇନ-୩ ୧୭୪ ଓ ପଟଲାଇନ-୪ ୧୬୪ କିଲୋ ଆମ୍ପିୟରରେ ଚାଲିଛି। ବର୍ତ୍ତମାନ ନାଲ୍‌କୋ କର୍ତ୍ତୃପକ୍ଷ ଗ୍ରୀଡରୁ ଚଢ଼ାଦରରେ ବିଦ୍ୟୁତ୍ ଶକ୍ତି କ୍ରୟ କରି ପ୍ଲାଣ୍ଟକୁ ଚଳାଉଛନ୍ତି। ସିପିପିରୁ ବିଦ୍ୟୁତ ହ୍ରାସ ଯୋଗୁ କର୍ତ୍ତୃପକ୍ଷ ଶତାଧିକ ପଟକୁ ବନ୍ଦ କରିବା ପାଇଁ ଯୋଜନା କରିଛନ୍ତି। ମଙ୍ଗଳବାର ୧୦ଟି ପଟ୍ ବନ୍ଦ ହୋଇଥିବାବେଳେ ବୁଧବାର ଆଉ ୧୦ଟି ପଟ୍ ବନ୍ଦ କରାଯାଇଛି। ଏଥିଯୋଗୁ ସ୍ମେଲଟର ପ୍ଲାଣ୍ଟରେ ଆଲୁମିନିୟମ ଉତ୍ପାଦନ ହ୍ରାସ ପାଇଛି। ଗୋଟିଏ ପଟ୍ ୧୮୫ କିଲୋ ଆମ୍ପିୟରରେ ଚାଲିଲେ ୧୪୫୦ କେଜି ତରଳ ଆଲୁମିନିୟମ ଉତ୍ପାଦନ ହୋଇଥାଏ। ହେଲେ ବର୍ତ୍ତମାନ ପଟଗୁଡିକ ଲୋ ଆମ୍ପିୟରରେ ଚାଲିବା ଯୋଗୁ ଗୋଟିଏ ପଟ୍‌ରୁ ୮୫୦ରୁ ୯୦୦ କେଜି ଆଲୁମିନିୟମ ଉତ୍ପାଦନ ହେଉଛି। କ୍ୟାପିଟାଲ ରିପେୟାର ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ପଟ୍ ବନ୍ଦ କରାଯିବାକୁ ନେଇ ନେସ୍ ସଙ୍ଗଠନ ପକ୍ଷରୁ ସାଧାରଣ ସମ୍ପାଦକ ନିର୍ମଳ ସାମଲ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବନ୍ତଳା, ୨୫।୯(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଯୁକ୍ତ ୩ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟର ଇତିହାସ ସମ୍ମାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ମନମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବରେ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ, ତରଣୀ ସେନ ପ୍ରଧାନ, ରସାନନ୍ଦ ସାହୁ, ସୁରେଶ ସାହୁ, ମିନତୀ ସାହୁ, ଦୀପାୟନ ମହାପାତ୍ର, ପଦ୍ମ ଚରଣ ସାହୁ, ଆଦିତ୍ୟ ସାହୁ, ହିଡିସିଙ୍ଗ କୃଷକ ମହାସଙ୍ଘର ସଭାପତି ଦିନେଶ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ମାନସୀ ପ୍ରଧାନ, ତ୍ରିଲୋଚନ ସାହୁ ଅତିଥି ପରିଚୟ ଦେଇଥିଲେ। ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ମିସ ଫ୍ରେସର ଭାବରେ ଦୀପ୍ତିମୟୀ ପରିଡ଼ାଙ୍କୁ ଅତିଥି ମାନେ ମୁକୁଟ ପିନ୍ଧାଇ ଥିଲେ। ପାର୍ଥ ସାରଥୀ ପ୍ରଧାନ, ବିକାଶ ପ୍ରଧାନ, ବୁବୁ ବେହେରା, ସତ୍ୟ ତୁଙ୍ଗ, ରୋଜାଲିନ ସାହୁ, ଶୁଭମ ଦେହୁରୀ, ଶୁଭଦର୍ଶନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୬୭୯ ଭିନ୍ନକ୍ଷମ ପଞ୍ଜୀକୃତ

ପାଲଲହଡ଼ା, ୨୫।୯(ଡି.ଏନ.ଏ.)

ପାଲଲହଡ଼ା ସଦରମହକୁମା ସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ଉପଜିଲାପାଳ ଅଜିତ କୁମାର ପ୍ରଧାନ ଯୋଗଦେଇଥିଲେ। ବିଡ଼ିଓ ତ୍ରିବିକ୍ରମ କୁମୁରା ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ବିଡିଓ ଏସ ଲଲାଟେନ୍ଦୁ ନୈବେଦ୍ୟ ସଭା ପରିଚାଳନା କରିଥିଲେ। ଶିବିରରେ ବ୍ଲକର ୨୭ ଟି ପଞ୍ଚାୟତର ଭିନ୍ନକ୍ଷମମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୨୪୮ ଜଣ, ଭେଷଜ ବିଭାଗରେ ୧୦୬, ନାସା, କର୍ଣ୍ଣ, ଗଳା ବିଭାଗରେ ୧୧୪, ଚକ୍ଷୁ ବିଭାଗରେ ୯୦, ଶିଶୁ ବିଭାଗରେ ୯୦, କୃତ୍ରିମ ଅଙ୍ଗ ବିଭାଗରେ ୨୦ ଜଣ ଏବଂ ଆୟ ପ୍ରମାଣପତ୍ରରେ ୧୧ ଜଣ ଭାବେ ମୋଟ ୬୭୯ ଜଣ ପଞ୍ଜୀକୃତ ହୋଇଥିବା ଜଣାପଡିଛିଧ୍। ଏହି ଶିବିର ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ୫ ଜଣିଆ ଡାକ୍ତରୀ ଦଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସମେତ ମହତାବ ଉଚ୍ଚ ବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ



ଜିଲାପାଳ ଅଫିସ ସମ୍ମୁଖରେ ଧାରଣା।

ଅନୁଗୋଳ ଅଫିସ, ୨୫।୯

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ୪ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ମଞ୍ଚର ସଭାପତି ମୁରଲୀଧର ସାହୁ ଓ ଅନ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମଞ୍ଚ ପକ୍ଷରୁ ଅନୁଗୋଳ ଷ୍ଟାଡ଼ିୟମଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ଶତାଧିକ ସଂଖ୍ୟାରେ ତାଳଚେରବାସୀ ସାମିଲ ହୋଇଥିଲେ। ମଞ୍ଚର ଅଭିଯୋଗ ମୁତାବକ, ୨୦୧୮ ମେ ୧୫ରେ ଦଶମ ଆର୍‌ପିଡ଼ିଏସି ବୈଠକରେ ଆଲୋଚନା ହୋଇଥିବା ପ୍ରସଙ୍ଗର କୌଣସି ରୂପାୟନ ଅଦ୍ୟାବଧି ହୋଇନାହିଁ। ଏପରି କି ଏମ୍‌ସିଏଲ୍‌ରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ନିଯୁକ୍ତି ମଧ ପ୍ରଦାନ କରାଯାଇ ନାହିଁ। ୨୦୦୬ ଆର୍‌ଆଣ୍ଡଆର୍ ପଲିସିକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବଳବତ୍ତର ରଖିବାକୁ ଦାବି ପରେ ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପାଳନ କରୁନାହାନ୍ତି। ଲୋକଙ୍କ ଜମି ଉପରେ ଖଣି ଖାଦାନ ହୋଇଥିଲେ ମଧ ସେମାନଙ୍କୁ ନିଯୁକ୍ତି ମିଳିନାହିଁ। ଏମ୍‌ସିଏଲ୍ କର୍ତ୍ତୃପକ୍ଷ ମନମୁଖି କାମ କରୁଥିବାରୁ ଏହା ପ୍ରତିବାଦରେ ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଥିବା ତାଳଚେର ବିଧାୟକ ପ୍ରଧାନ କହିଛନ୍ତି। ମଞ୍ଚ ସଭାପତି ମୁରଲୀଧର କହିଛନ୍ତି, ପ୍ରଶାସନିକ ଅଧିକାରୀମାନେ ଖଣି କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ସେମାନେ ଏହାକୁ ଅଣଦେଖା କରୁଛନ୍ତି। ତେଣୁ ଦଶମ ଆର୍‌ପିଡ଼ିଏସି ବୈଠକରେ ଆଲୋଚନା ହୋଇଥିବା ତାଳଚେର ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ବିଚାର କରି ଖଣି କର୍ତ୍ତୃପକ୍ଷଙ୍କୁ ଆଲୋଚନାର ରୂପାୟନ ପାଇଁ ନିର୍ଦ୍ଦେଶ ଦେବାକୁ ସେ କହିଛନ୍ତି।

### ଶ୍ରେଣୀ ଗୃହ, ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ଛେଣ୍ଡିପଦା,୨୫।୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାରମଞ୍ଚା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ ଓ ଏକ ଅଙ୍ଗନୱାଡି କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରୈଲୋକ୍ୟ ମାଝୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବାରମଞ୍ଚା ସରପଞ୍ଚ ସସ୍ମିତା ପ୍ରଧାନ, ସମିତିସଭ୍ୟା ପୁଷ୍ପଲତା ପ୍ରଧାନ, ବିଜେଡି ଯୁବ ସଭାପତି ରାକେଶ ନାଥ ପ୍ରମୁଖ ଯୋଗଦେଇ ଜିଲା ଖଣିଜ ପାଣ୍ଠିରୁ ନିର୍ମିତ ନୂତନ ଶ୍ରେଣୀ ଗୃହ ଓ ଅଙ୍ଗନୱାଡି କେନ୍ଦ୍ର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ଦୟାନିଧି ବେହେରା, ପ୍ରଶାନ୍ତ କୁମାର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ

ଛେଣ୍ଡିପଦା,୨୫।୯(ଡି.ଏନ.ଏ.)



ଛେଣ୍ଡିପଦା ପଞ୍ଚାୟତ ଅଫିସ ସଭାଗୃହଠାରେ ବୁଧବାର ବ୍ଲକ ସରପଞ୍ଚ ମହାସଂଘ ଆନୁକୂଲ୍ୟରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ତଥା ବରସାହି ସରପଞ୍ଚ ବିଜୟ କୁମାର ଗଡନାୟକଙ୍କ ପୌରୋହିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ଅନ୍ୟତମ ଅତିଥି ଭାବେ ବିଡିଓ ସୁନୀଲ କୁମାର କେରକେଟା ଯୋଗ ଦେଇଥିଲେ। ଏହି ଅବସରରେ ସରକାରୀ ଏବଂ ପ୍ରଶାସନିକ ସ୍ତରରେ ଥିବା ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉଭୟ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ବିଧାୟକଙ୍କ ପ୍ରତିନିଧି ନାରାୟଣ ସାହୁ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ବରିଷ୍ଠ ନେତା ପ୍ରଦୀପ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମହାସଂଘ ସମ୍ପାଦକ ଅନିଲ ବିହାରୀ ମାଝୀ, ରାକେଶ କୁମାର ପ୍ରଧାନ, ଯୋଗେଶ୍ୱର ସାହୁ, ଶ୍ରୀକାନ୍ତ କୁମାର ପ୍ରଧାନ, ସୁଧାକର ବେହେରା, ବିଭୂତି ଭୂଷଣ ଗଡନାୟକ, ଭାନୁପ୍ରିୟା ପ୍ରଧାନ, ସରୋଜିନୀ ବେହେରା, ସୁନୀତା ଗଡନାୟକ, ବିନାୟକ ବେହେରା, ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ଅନୁଗୋଳ ଅଫିସ, ୨୫।୯



ପୋଲିସ ସହ ଗିରଫ ଅଭିଯୁକ୍ତମାନେ।

■ଚଢ଼ାଉ ବେଳେ ଜଣେ ଖସିଗଲେ

■ବନ୍ଧୁକ ସହ ଜୀବନ୍ତ ଗୁଳି ଜବତ

■ଗିରଫ ଦୁର୍ବୃତ୍ତଙ୍କ ମଧ୍ୟରୁ ୨ଜଣ ବିହାରୀ

ଅନୁଗୋଳ ହାଟପଡ଼ା ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଡକାୟତି ଉଦ୍ୟମକୁ ଅନୁଗୋଳ ପୋଲିସ ପଣ୍ଡ କରିଦେଇଛି। ପାଟ୍ରୋଲିଂ କରୁଥିବା ପୋଲିସ ୪ ଦୁର୍ବୃତ୍ତଙ୍କୁ ଗିରଫ କରିଥିବାବେଳେ ଜଣେ ଚକ୍‌ମା ଦେଇ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୭୫୬/୧୯ରେ ଏକ ମାମଲା ରୁଜୁ କରି ପୋଲିସ ଜରାସିଂହାର ସାଗର ସାହୁ(୨୧), ଅଙ୍ଗାରବନ୍ଧର ସୁବ୍ରତ କଟାର(୨୬), ବିହାର ଡାକମୋରେ ଅଞ୍ଚଳର ଅଜିତ ଶର୍ମା(୪୦) ଓ ଲସ୍‌କରି ଅଞ୍ଚଳର ଅରୁଣ ମଣ୍ଡଳ(୩୧)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ୧୨ଟି ୮ ଏମ୍‌ଏମ୍ ଜୀବନ୍ତ ଗୁଳି, ଗୋଟିଏ ଛୁରି ଓ ସୁନା ଅନୁଗୋଳ ଜବତ କରାଯାଇଛି।

ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ହାଟପଡ଼ା ଛକରେ କେତେଜଣ ସନ୍ଦିଗ୍ଧ ରୁଣ୍ଡ ହୋଇଥିବା ଖବର ପାଇ ଚଢ଼ାଉ କରିଥିଲେ। ଏହି ସମୟରେ ସମ୍ପୃକ୍ତ ୪ ଦୁର୍ବୃତ୍ତଙ୍କୁ ପୋଲିସ ମାଡ଼ି ବସିଥିବା ବେଳେ ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ଦୁର୍ବୃତ୍ତମାନେ ଗତ ୨୦ ତାରିଖରେ ଅଙ୍ଗାରବନ୍ଧ ଚଣ୍ଡିଖମଣ ସମ୍ମୁଖ ନିମାଇଁ ସାହୁଙ୍କ ଘରୁ ଡକାୟତି କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଗିରଫ ୨ ବିହାରୀ ଦୁର୍ବୃତ୍ତ ଅନୁଗୋଳ ଆସି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ।

ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ, ୨୫।୯- ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଏକ ହତ୍ୟା ମାମଲାର ଶୁଣାଣି କରି ବୁଧବାର ଅଭିଯୁକ୍ତ ଜରପଡ଼ା ଥାନା କତଡ଼ା ଗ୍ରାମର ମୁରଲି ନାଏକ(୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମୋଟ୍ ୨୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ ଏହି ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

୨୦୧୫ ଅକ୍ଟୋବର ୧୮ରେ ଜରପଡ଼ା ଥାନା କତଡ଼ା ଗ୍ରାମର ମୁରଲି ସ୍ତ୍ରୀ ସୁନିତା ନାଏକଙ୍କୁ ହାତଗୋଡ଼ ବାନ୍ଧି କିରୋସିନି ଢାଳି ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଥିଲା। ଗାଁର ଅନ୍ୟ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କକୁ ବିରୋଧ କରିବାରୁ ମୁରଲୀ ଏହି ବର୍ବରକାଣ୍ଡ ଘଟାଇଥିବା ନେଇ ସୁନିତାଙ୍କ ଦେଢଶୁର, ମାମୁ ଓ ଶାଶୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅକ୍ଟୋବର ୨୦ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲା। ମୃତ୍ୟୁ ପୂର୍ବରୁ ସୁନିତା ନିଜ ବୟାନରେ ଘଟଣା ସମ୍ପର୍କରେ ପୋଲିସକୁ କହିଥିଲେ। ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ଏହି ମାମଲା ପରିଚାଳନା କରିଥିଲେ।

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ବଇଣ୍ଡା, ୨୫।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ମଦନ ବେହେରାଙ୍କୁ ସେହି ଗ୍ରାମର କର୍ଣ୍ଣ ବେହେରା ଏକ ଲୁହାରଡ୍‌ରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ୧୬୫/୧୯ରେ ମାମଲା ରୁଜୁ କରିବା ସହ କର୍ଣ୍ଣଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ମଦନ ଓ କର୍ଣ୍ଣଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ମଙ୍ଗଳବାର ସେ ଘରେ ଥିବାବେଳେ କର୍ଣ୍ଣ ତାଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ

ବଅଁରପାଳ, ୨୫।୯(ଡି.ଏନ.ଏ.)- ନାଲ୍‌କୋ ମହାଲକ୍ଷ୍ମୀ ଅଟୋ ଆସୋସିଏଶନ ତରଫରୁ ଆୟୋଜିତ ବିଶ୍ୱକର୍ମା ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବାଦ୍ୟବାଜଣା ସହକାରେ ଠାକୁରଙ୍କୁ ନାଲ୍‌କୋନଗର ପରିକ୍ରମା କରାଯାଇଥିଲା। ପୂଜା କମିଟିର କର୍ମକର୍ତ୍ତାମାନେ ବାଦ୍ୟ ନୃତ୍ୟର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ନିକଟସ୍ଥ ଜଳାଶୟରେ ପ୍ରଭୁଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ରତନ ବେହେରା, ସମ୍ପାଦକ ରବି ନାରାୟଣ ବେହେରା, ମଙ୍ଗରାଜ ମୁଦୁଲି, ବିଜୟ ବେହେରା, ଗଣେଶ୍ୱର ପ୍ରଧାନ, ଭରତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

■ଫରେଷ୍ଟ ରେଞ୍ଜର୍ସ କଲେଜର ସମାବର୍ତ୍ତନ ସମାରୋହ

# 'ଜଙ୍ଗଲ କ୍ଷେତ୍ରଫଳରେ ଚତୁର୍ଥ ସ୍ଥାନରେ ଓଡ଼ିଶା'

**ଅନୁଗୋଳ ଅଫିସ, ୨୫।୯**



ସମାରୋହରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜ ଅନୁଗୋଳର ୧୬ତମ ସମାବର୍ତ୍ତନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ୍ ଯୋଗଦେଇ ୯୬ ଜଣ ରେଞ୍ଜ ଅଫିସରଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଙ୍କଳ୍ପ କରାଇଛନ୍ତି। ଫରେଷ୍ଟ ରେଞ୍ଜର୍ସ କଲେଜ ନିର୍ଦ୍ଦେଶକ ଭି. କାର୍ତ୍ତିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ମନ୍ତ୍ରୀ ଆରୁଖ୍ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଉପଯୁକ୍ତ ଜଙ୍ଗଲ ପରିଚାଳନା ଓ ବ୍ୟାପକ ବନୀକରଣ ଯୋଗୁ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୮୮୫ ବର୍ଗ କିଲୋମିଟର ଜଙ୍ଗଲାଞ୍ଚଳ ବୃଦ୍ଧି ପାଇଛି। ଏଥିସହ ଜଙ୍ଗଲ କ୍ଷେତ୍ରଫଳରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। କାମ୍ପା ଫଣ୍ଡରୁ ଓଡ଼ିଶାକୁ ନିଜ ଅଂଶଧନ ବାବଦକୁ କେନ୍ଦ୍ର ସରକାର ସର୍ବାଧିକ ୫୯୩୩ କୋଟି ୯୮ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ପାଣ୍ଠିର ପୂର୍ଣ୍ଣ ବିନିଯୋଗ କରି ରାଜ୍ୟ ଜଙ୍ଗଲ ସମ୍ପଦର ପରିଚାଳନା ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଅଧିକାରୀମାନଙ୍କୁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ହେବ। ବନ ସମ୍ପଦର ବିକାଶ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ଏହାର ସଫଳ ରୂପାୟନ ମଧ୍ୟ ରେଞ୍ଜ ଅଫିସରଙ୍କ ଉପରେ ନିର୍ଭର କରୁଛି। ଦୀର୍ଘ ଦିନ ହେଲା ବନ ବିଭାଗରେ ବହୁ ପଦବଦବୀ ଖାଲି ରହିଥିଲା। ସରକାର ଏହି ଅଭାବକୁ ପୂରଣ କରିଛନ୍ତି। ୯୬ ଜଣ ରେଞ୍ଜ ଅଫିସର ସଫଳତାର ସହ ତାଲିମ୍ ନେଇ ସାରିଥିବାରୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଙ୍କଳ୍ପ କରିଥିବା ମନ୍ତ୍ରୀ କହିଥିଲେ। ମହାବାତ୍ୟା ଫନୀ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ଉଜାଡ଼ି ଦେଇଥିବାରୁ ସବୁଜିମାକୁ ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ସ୍ୱତନ୍ତ୍ର ଡାକରାରେ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବା ପ୍ରଧାନ ମୁଖ୍ୟ ବନ ସଂରକ୍ଷଣ ସନ୍ଦୀପ ତ୍ରିପାଠୀ ପ୍ରଶିକ୍ଷାର୍ଥିମାନଙ୍କୁ ଧୈର୍ଯ୍ୟର ସହ ସମସ୍ତ ବାଧାବିଘ୍ନର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପଣ୍ଡା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଅର୍ଜିତ ଜ୍ଞାନର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆର୍‌ସିସିଏଫ୍ ପ୍ରଦୀପ ରାଜ୍ କାରାଟ୍ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଟ୍ରେନିଂ କଲେଜର ୱେବସାଇଟ୍, ଫ୍ଲୋରା ଆପ୍, ଫଟୋ ଆଲବମ୍ ଓ ପ୍ରଶିକ୍ଷାର୍ଥୀଙ୍କ ବାୟୋଡାଟା ସମ୍ପର୍କିତ ପୁସ୍ତକ (ଗ୍ୟାଲେକ୍ସି)କୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ସମାରୋହରେ ବନ ବିଭାଗର ବରିଷ୍ଠ ଅଧିକାରୀ ଓ ପ୍ରଶିକ୍ଷାର୍ଥୀଙ୍କ ଅଭିଭାବକ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

**ଅନୁଗୋଳ ଅଫିସ, ୨୫।୯**

ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବିଜୟ କୁମାର ପ୍ରଧାନଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ବୁଧବାର ଅପରାହ୍ନରେ ତାଙ୍କ ମର ଶରୀରକୁ ଟାଉନ ଉଚ୍ଚ ବିଦ୍ୟାଳୟ ଓ ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ପାଣିଗ୍ରାହୀ, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ କୁଞ୍ଜବିହାରୀ ଦାଶ, ପରିଚାଳନା କମିଟି ସଦସ୍ୟ ବୃନ୍ଦାବନ ସ୍ୱାଇଁ, ମହେଶ୍ୱର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଭାସିନୀ ସାହୁ, ଜିଲା ଶାରୀରିକ କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ ସିହ୍ନା, ଓଷ୍ଟା ଜିଲା ସମ୍ପାଦକ ତରଣୀସେନ ସାହୁ, ବହୁ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରେ ଜନ୍ମସ୍ଥାନ ବନ୍ତଳାକୁ ନିଆଯାଇ ଶବଦାହ କରାଯାଇଥିଲା।

■ଜେଏସ୍‌ପିଏଲ ଫୁଟବଲ ୨୦୧୯ ଉଦ୍‌ଯାପିତ

# ରୟାଲ ଡାଇନାମୋ ଟିମ୍ ଚାମ୍ପିୟନ

**ଅନୁଗୋଳ ଅଫିସ, ୨୫।୯**


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଅଫିସର୍ସ କ୍ଲବ (ଜେଓସି) ଦ୍ୱାରା ଆୟୋଜିତ ଆନ୍ତଃ ବିଭାଗୀୟ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ୨୦୧୯ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରୟାଲ ଡାଇନାମୋ ଟିମ୍ ୨-୧ ଗୋଲରେ ଏକ୍ସଟ୍ରିମ ଟିମ୍‌କୁ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଅନୁଗୋଳ ପ୍ରକଳ୍ପର ଏଚ୍‌ଆର୍, ୟୁଟିଲିଟି, ଇଡି-ସେକ୍ରେଟାରିଏଟ ଓ ସୁରକ୍ଷା ବିଭାଗର ଖେଳାଳିମାନଙ୍କୁ ନେଇ ଗଠିତ ଏହି ଟିମ୍ ଫାଇନାଲରେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲା।

ଫାଇନାଲ ମ୍ୟାଚରେ ଜେଏସ୍‌ପିଏଲ୍ ଇସ୍ପାତ ନିର୍ମାଣ ବିଭାଗ ମୁଖ୍ୟ ତଥା ଜେଓସି ସାଧାରଣ ସମ୍ପାଦକ ଦାମୋଦର ମିତ୍ତଲ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଉତ୍ସବରେ ମାନବ ସମ୍ବଳ ବିଭାଗ ଭିପି ଆଲୋକ ମାଲହୋତ୍ରା, ଏସ୍‌ଏମ୍‌ଏସ୍ ବିଭାଗ ଭିପି ଅତୁଲ ଦୁବେଙ୍କ ସମେତ ଅନେକ ବିଭାଗୀୟ ମୁଖ୍ୟ ଓ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏକ୍ସଟ୍ରିମ ଦଳର ଗଜେନ୍ଦ୍ର ସିଂହ ଶେଖାୱାତ ଓ ଅନୁରାଗ ରାଉତ ସ୍ୱର୍ଣ୍ଣ ବୁଟ ଏବଂ ଶ୍ରେଷ୍ଠ ଗୋଲକିପରି ପୁରସ୍କାର ହାସଲ କରିଥିବାବେଳେ ଜୋଶ ଦଳର ଭାସ୍କର ହାଲଦାର ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ। ଜେଓସିର କର୍ମକର୍ତ୍ତା ଓ ଅନ୍ୟ ଅଧିକାରୀମାନେ ସହାୟତା କରିଥିଲେ।

■ବିଦ୍ୟାଳୟରେ ତାଲା ପକାଯିବା ଘଟଣା

# ଶିକ୍ଷୟିତ୍ରୀଙ୍କୁ ମିଳିଲା ରିଲିଭ୍ ପତ୍ର

**ଅନୁଗୋଳ ଅଫିସ, ୨୫।୯**

ଅନୁଗୋଳ ପଞ୍ଚମହଲାସ୍ଥିତ ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ନମିତା ଅମାନ୍ତଙ୍କ ବଦଳିକୁ ନେଇ ଦେଖାଦେଇଥିଲା ବିବାଦ। ଗ୍ରାମର କେତେଜଣ ମହିଳା ମଙ୍ଗଳବାର ଉକ୍ତ ବିଦ୍ୟାଳୟରେ ତାଲା ପକାଇଥିଲେ। ବୁଧବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଏଥିରେ ହସ୍ତକ୍ଷେପ କରିଥିବା ବେଳେ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମଧ୍ୟାହ୍ନ ୧୨ଟା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବିଦ୍ୟାଳୟର ସ୍ଥିତି ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀଙ୍କୁ ବଦଳି ନୁହେଁ ଡେପୁଟେଶନ୍‌ରେ ବନ୍ତଳା ନୋଡାଲ ଉଚ୍ଚ ବିଦ୍ୟାଳୟକୁ ପଠାଯାଇଥିବା ବ୍ଲକ ଶିକ୍ଷା ଅଧିକାରୀ ପଟ୍ଟନାୟକ କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁଲତା ଧର ଶିକ୍ଷୟିତ୍ରୀ ନମିତାଙ୍କୁ ବିଦ୍ୟାଳୟରୁ ରିଲିଭ କରିଥିବା ସୂଚନା ମିଳିଛି।




# ନଭେମ୍ବର ୯ରେ ବୋଇତ ବନ୍ଦାଣ ମହୋତ୍ସବ



**ଅନୁଗୋଳ ଅଫିସ, ୨୫।୯**

ଅନୁଗୋଳର ଅଗ୍ରଣୀ ସେବା ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ୩୪ ତମ ରାଜ୍ୟସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ନେଇ ଚନ୍ଦନନଗରସ୍ଥିତ କଳାକାର ଭବନ ଠାରେ ବୁଧବାର ଅନୁଷ୍ଠାନର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିଭୂତି ଭୂଷଣ ମହାପାତ୍ରଙ୍କ ସହିତ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। ଏହି ମହୋତ୍ସବ ଓ ପ୍ରତିଯୋଗିତା ଆସନ୍ତା ନଭେମ୍ବର ୯ରୁ ଆରମ୍ଭ ହୋଇ ୧୨ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ସମାପନ ହେବ ବୋଲି ସ୍ଥିର କରାଯାଇଥିଲା। ଚଳିତ ବର୍ଷ ବୃନ୍ଦଗାନ, ଓଡ଼ିଶୀ ନୃତ୍ୟ (ଏକକ), ଦଳଗତ ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ଯନ୍ତ୍ର ସଙ୍ଗୀତ (ସୁର ବାଦ୍ୟ), ତାଳବାଦ୍ୟ, ଲଘୁକଣ୍ଠ ସଙ୍ଗୀତ, କୌତୁକ ବେଶ, ଏକକ ଲଘୁନୃତ୍ୟ, ରଙ୍ଗଭରୋ, ଝୋଟି, ଚିତ୍ରାଙ୍କନ, ରଙ୍ଗୋଲୀ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଲଘୁଯନ୍ତ୍ର ସଙ୍ଗୀତ (କିବୋର୍ଡ) ଓ ଦଳଗତ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାର କାର୍ଯ୍ୟସୂଚୀ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉପସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ